# The Orissa Gazette

**EXTRAORDINARY**

**PUBLISHED BY AUTHORITY**

**No. 765 CUTTACK, TUESDAY, MAY 10, 2005 / BAISAKHA 20, 1927**


## ରାଜସ୍ୱ ବିଭାଗ

ଘୋଷଣା

ତାରିଖ 29 ଅପ୍ରେଲ 2005

ସଂଖ୍ୟା 17838—ଏଲ୍.ଏ.(ଏ)-48/2004-ଭଦ୍ରକ-ରା.—ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଶ୍ରୀଗଙ୍ଗା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ ପାଇଁ ସରକାର, ସରକାରୀ ବ୍ୟୟରେ ମୌଜା ନନ୍ଦୋର, ଥାନା ତିହିଡ଼ି, ଜିଲ୍ଲା ଭଦ୍ରକରେ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି; ତେଣୁ ଏତଦ୍ୱାରା ଘୋଷଣା କରାଯାଉଅଛି କି ଉକ୍ତ ଉଦ୍ଦେଶ୍ୟରେ ପ୍ରାୟ 2.71 ଏକର ପରିମିତ ଭୂମି ଉପରୋକ୍ତ ଗ୍ରାମରେ ଆବଶ୍ୟକ ହେଉଅଛି ।

ଭୂ-ଅର୍ଜନ (ସଂଶୋଧିତ) ଆଇନ୍, 1984 ଦ୍ୱାରା ସଂଶୋଧିତ ହେବା ପ୍ରକାରେ 1894ର ଅଧିନିୟମର ଧାରା 6 ର ବ୍ୟବସ୍ଥାନୁଯାୟୀ ପ୍ରଣୀତ ଏହି ଘୋଷଣାଟି ଏଥିସହିତ ସଂପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଭୂ-ଅର୍ଜନ ଆଇନ୍‌ର 4(1) ଧାରା ଅନୁଯାୟୀ ଅଧିସୂଚନା ସଂଖ୍ୟା 32010-ରା., ତା 13 ଅଗଷ୍ଟ 2004 ରିଖ ଓ ରାଜପତ୍ର ସଂଖ୍ୟା 1176, ତା 7 ସେପ୍ଟେମ୍ବର 2004ରିଖରେ ପ୍ରକାଶିତ ହୋଇଥିବା ଭୂମି ଅନୁସୂଚୀ ଉକ୍ତ ଘୋଷଣାନାମା ଅନ୍ତର୍ଭୁକ୍ତ ଅଟେ ।

ଉକ୍ତ ଜମିର ଏକ ନକ୍ସା, ଜିଲ୍ଲାପାଳ, ଭଦ୍ରକଙ୍କ କାର୍ଯ୍ୟାଳୟରେ, କାର୍ଯ୍ୟାଳୟ ସମୟରେ ଦେଖିବାକୁ ମିଳିପାରିବ ।

ରାଜ୍ୟପାଳଙ୍କ ଆଦେଶାନୁକ୍ରମେ

**ଦେବୀ ପ୍ରସାଦ ପଣ୍ଡା**

ଅନୁଶାସନ ସଚିବ


Printed and Published by the Director, Printing, Stationery and Publication, Orissa, Cuttack-10
Ex. Gaz. 225–193+20